Sundargarh

ଓଡ଼ିଶା ସରକାର

Pradan

ଓଡ଼ିଶାରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ (ଏ.ପି.ସି) ର ସତନ୍ତ୍ର କାର୍ଯ୍ୟକ୍ରମ

ଚାଷବାସ

ସମ୍ବନ୍ଧୀୟ ପୁସ୍ତିକା



ସୌଜନ୍ୟ-ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡ

ଚିନାବାଦାମ




- ବିହନ - ଏକେ ୧୨-୨୪(ଖରିଫ), ଅନ୍ନପୂର୍ଣ୍ଣା, ଟାଗ୍ ୨୪, କେଦ୍ରୀ, ବେଦୀ, ଧରଣୀ
- ବିହନ ପରିମାଣ - ବର୍ଷାଦିନ ଏକର ପିଛା ୪୦ କି.ଗ୍ରା ମଞ୍ଜି,
  ଶୀତ ଓ ଖରାଦିନ - ୪୫-୫୦ କେଜି
- ଲଗାଇବା ସମୟ - ବର୍ଷାଦିନ (ଜୁନ୍-ଜୁଲାଇ) ଶୀତଦିନ (ଅକ୍ଟୋବର-ନଭେମ୍ବର), ଖରାଦିନ (ଜାନୁଆରୀ-ଫେବୃଆରୀ)
  ବିହନ ଲଗାଇବା ପୂର୍ବରୁ ବାଭିଷ୍ଟିନ/ଥିରାମ (୩ଗ୍ରାମ/୧କେଜି ମଞ୍ଜି) ଏବଂ ଜୀବାଣୁ କଲଚର (ଟ୍ରାଇକୋଡରମା ଭିରୀଡେ/ରାଇଜୋବିୟମ କଲଚର) ରେ ବିଶୋଧନ କରନ୍ତୁ ।
- ଜମି ପ୍ରସ୍ତୁତି - ୨-୪ ଥର ହଳ କରି ମାଟି ପ୍ରସ୍ତୁତି କରନ୍ତୁ (ମୁଠା ବନ୍ଧା ମାଟି) । **ଜମି ପ୍ରସ୍ତୁତି ସମୟରେ ଜିପସମ ଦିଅନ୍ତୁ (୧୦କେଜି/ଏକର)**
- ଦୂରତା - ବର୍ଷାଦିନ ଧାଡି କୁ ଧାଡି ୩୦ ସେମି, ଗଛକୁ ଗଛ ୧୦ ସେମି, ଶୀତ ଓ ଖରା - ୨୫ ସେମି X ୧୦ ସେମି
- ଘାସ ପରିଚାଳନା - ବିହନ ପକେଇବାର ୧୦-୧୨ ଦିନ ପରେ ହାତରେ ଘାସ ଗୁଡିକୁ ବାଛି କାଢି ଦିଅନ୍ତୁ, ଫୁଲ ହେବା ପୂର୍ବରୁ ଘଅକ୍ୱିଗୋଲଡ ଘାସ ନାଶକ ଏକର ପ୍ରତି ୨୫୦ ମିଲି ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ ।
- ଖତ ସାର ପରିଚାଳନା - ହଳ କଲା ବେଳେ ଏକର ପିଛା ୨ ଟ୍ରିପ୍ ଗୋବର ଖତ ଏବଂ **୧ କ୍ୱିଣ୍ଟାଲ ନିମ୍ବ ପିଡିଆ** ମିଶାନ୍ତୁ ।
  ବୁଣିବା ବେଳେ ଏକର ପିଛା ୮ କି.ଗ୍ରା ୟୁରିଆ, ୧୬ କି.ଗ୍ରା ଫସଫରସ, ୧୬ କି.ଗ୍ରା ପଟାସ ଦରକାର ।

- ରୋଗ ପୋକ ଓ ତାର ପ୍ରତିକାର -

ସମସ୍ୟା ଏବଂ ତାର ଲକ୍ଷଣ	**ଔଷଧର ନାମ**	**ମାତ୍ରା ଓ ପ୍ରୟୋଗ ବିଧି**
ପତ୍ର ହଳଦିଆ ପଡିବା, ପତ୍ରରେ କଳା ଦାଗ ହୋଇ ଝଡିପଡିବା	ଅମିଷ୍ଟାର / ମିରାଡୋର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
	ମହୁଲାସ୍ତ୍ର	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ଉଇ, ପିମ୍ପୁଡି	କ୍ଲୋରୋପାଇରିଫସ୍	ଏକ ର ପିଛା ୧୦ କି.ଗ୍ରା ବୁଣିବା ପୂର୍ବରୁ ମାଟି ସହ ମିଶ୍ରଣ ।
ମୂଳ ସଡା	**ନିମ୍ବ ଅସ୍ତ୍ର, ବ୍ରହ୍ମାସ୍ତ୍ର**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
	ଘାତକ	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ, ମାଟି ଏବଂ ବିହନ କୁ ବିଶୋଧନ କରି ରୋପଣ କରନ୍ତୁ ।
ପ୍ରାକୃତିକ ପରିଚାଳନା	**ଆଗତରା ରୋପଣ, ଆଲୋକ ଯନ୍ତ୍ର, ଫେରମୋନ ଯନ୍ତ୍ର**	

- ଅମଳ - ଗଛ ଗୁଡିକୁ ହାତରେ ଉପାଡି ବାଦାମ୍ ଗୁଡିକୁ ଅଲଗା କରି ଟାଣ ଖରାରେ ଶୁଖାନ୍ତୁ
- ଉତ୍ପାଦନ - ବର୍ଷାଦିନ ଏକର ପିଛା - ୫-୬ କ୍ୱିଣ୍ଟାଲ, ଶୀତ ଓ ଖରାଦିନ - ୮-୧୦ କ୍ୱିଣ୍ଟାଲ

ବାଇଗଣ



- ବିହନ - **ପରପଲଲଙ୍ଗ:** ଭିଏନ୍‌ଆର୍ - ୨୧୮, ୨୧୨(ଖରିଫ),ସଙ୍ଗରୋ - ୭୦୪ (ଖରିଫ), ଶ୍ରୀମା-ବ୍ଲୁ ଲାଗୁନ୍ , ଜେକେ ୭୩୧୬, **ପରପଲଓବାଳ** ବ୍ଲୁ ଷ୍ଟାର, **ଗ୍ରୀନଓବାଳ** - ଉତ୍ତମ ।
- ବିହନ ପରିମାଣ - ଏକର ପିଛା ୬୦ ଗ୍ରାମ୍, **ବିହନ କୁ ବାଭିଷ୍ଟିନ ଦେଇ ବିଶୋଧନ କରାଯାଏ ।**
- ଲଗାଇବା ସମୟ - ବର୍ଷାଦିନ (ଜୁନ), ମେ ମାସେ ତଳି ପକାନ୍ତୁ । ଶୀତଦିନ (ଅକ୍ଟୋବର-ନଭେମ୍ବର), ଖରାଦିନ (ଫେବୃଆରୀ) ।
- ତଳିଘରା ପ୍ରସ୍ତୁତି - ଗୁଣ୍ଡ ମାଟି ସହ ଗୁଣ୍ଡ ଖତ ମିଶାଇ ୬-୭ଇଞ୍ଚ ଉଚ୍ଚତା ବିଶିଷ୍ଟ ୫x୧୦ ଫୁଟ ପଟି ପ୍ରସ୍ତୁତ କରି ୧ ଇଞ୍ଚ ବ୍ୟବଧାନ ରେ ଧାଡି କାଟି ୦.୫ ଇଞ୍ଚ ବ୍ୟବଧାନ ରେ, ରୋପଣ ମାସ ପୂର୍ବରେ, ମଞ୍ଜି ପକାନ୍ତୁ ।
- ଜମି ପ୍ରସ୍ତୁତି - ପ୍ରତି ୪-୫ ଦିନ ବ୍ୟବଧାନ ରେ ୩-୪ ଥର ହଳ କରି ଗୁଣ୍ଡ ଚାଷ କରନ୍ତୁ । ଡିଏପି+ପୋଟାସ+ଜିଙ୍କ+ବରନ+ଆକ୍ଟିଭ ମିଶେଇ ଗାତରେ ପକାନ୍ତୁ ଏବଂ ତା ଉପରେ ଗୋବର ଖତ ଦେଇ ଭଲ ଭାବରେ ମିଶାନ୍ତୁ ।
- ଦୂରତା - **ଚାରା ବିଶୋଧନ କରି ଗଛ କୁ ଗଛ ୩ ଫୁଟ ଏବଂ ଧାଡି କୁ ଧାଡି ୩ ଫୁଟ ଏବଂ ଗାତ ୫-୬ ଇଞ୍ଚ ଉଚ୍ଚତା, ଶୀତ ଓ ଖରାଦିନ - ଗଛ କୁ ଗଛ ୨ ଫୁଟ ଏବଂ ଧାଡି କୁ ଧାଡି ୩ଫୁଟ ।**
- ଜଳ ପରିଚାଳନା - ପ୍ରତି ୮-୧୦ ଦିନ ରେ ଥରେ ଜଳ ସେଚନ କରନ୍ତୁ
- ଖତ ସାର ପରିଚାଳନା - ରୁଆ ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର, ୩୦ କି.ଗ୍ରା ଫସଫରସ ଓ ୧୦ କି.ଗ୍ରା ପଟାସ ପ୍ରୟୋଗ କରାଯାଏ । ୧୫-୨୦ ଦିନ ଏବଂ ୨୮-୩୦ ଦିନପରେ ଡିଏପି + ପୋଟାସ + ଜିଙ୍କ + ବରନ + ଆକ୍ଟିଭ ମିଶାଇ ଦିଆଯାଏ । **ଫୁଲ ଆସିବା ସମୟରେ ଭିଟାମିନ ଓ ପୋଲାର ଦିଅନ୍ତୁ ।**
- ରୋଗପୋକ ଓ ତାର ପ୍ରତିକାର -

ରୋଗପୋକ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
କାଣ୍ଡବିନ୍ଧା ଓ ଫଳବିନ୍ଧା	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
	ଆଗ୍ନେୟାସ୍ତ୍ର, ହାଣ୍ଡିଖତ	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ଘୁଁଘୁଟା ପୋକ	ଡନ ଏବଂ ସଲଫର	୧୫ ଲିଟର ପାଣିରେ ୩ ଗ୍ରାମ୍ ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
ଝାଉଁଳିଆ, ପତ୍ରଝଡା	ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ	ଏକର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ । **ଚାରା ବିଶୋଧନ**
	ମଠାସ୍ତ୍ର	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ମୂଳ ସଢା	ରିଡୋମିଲ ଗୋଲଡ	ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।

- ଅମଳ - ରୁଆ ର ୪୫-୬୦ ଦିନ ପରେ ପ୍ରତି ସପ୍ତାହକୁ ୨-୩ଥର ତୋଳା ।
- ଉତ୍ପାଦନ - ୭୫ ରୁ ୮୦ କ୍ୱିଣ୍ଟାଲ ।

ଭେଣ୍ଡି



- ବିହନ - ଜେକେ ୭୩୧୫(ଖରିଫ), ଅଙ୍କୁରସିଦ୍ଧି, ନୁଁଜୀବୀଦୁ ବିନ୍ଦୁ, ରାଧିକା, ଭିଏନଆର ଶକ୍ତି
- ବିହନ ପରିମାଣ - ଏକର ପିଛା ୧କେଜି, **ବିହନ କୁ ୧୨ ଘଣ୍ଟା ଯାଇ ପାଣିରେ ଭିଜେଇଲା ପରେ ବାଭିଷ୍ଟିନ ରେ ବିଶୋଧନ କରନ୍ତୁ ।**
- ଲଗାଇବା ସମୟ - ବର୍ଷାଦିନ (ମେ, ଜୁନ୍), ଖରାଦିନ (ଫେବୃଆରୀ)
- ଜମି ପ୍ରସ୍ତୁତି - ପ୍ରତି ୪-୫ ଦିନ ବ୍ୟବଧାନ ରେ ୩-୪ ଥର ହଳ କରି ଗୁଣ୍ଡ ଚାଷ କରନ୍ତୁ । ୧ ମାସରେ ହୁଡା କରିବା ଆବଶ୍ୟକ ।
- ବିହନ ଦୂରତା - ଧାଡି କୁ ଧାଡି ୨ ଫୁଟ ଏବଂ ଗଛ କୁ ଗଛ ୧ଫୁଟ
- ଜଳ ପରିଚାଳନା - ଗଛର ଅବସ୍ଥା ଦେଖିକି ସପ୍ତାହକୁ ୨ ଥର
- ଖତ ସାର ପରିଚାଳନା - ରୁଆ ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର, ୨୦ କି.ଗ୍ରା ଫସଫରସ ଓ ୮ କି.ଗ୍ରା ପଟାସ ପ୍ରୟୋଗ କରାଯାଏ । **ଗଜା ହେବା ୧୫ ଦିନରେ କୋଡା ଖୋସା କରି ଗୋବର ଖତ, ଯବକ୍ଷାର, ପଟାସ ଦିଅନ୍ତୁ**
- ରୋଗପୋକ ଓ ତାର ପ୍ରତିକାର -

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
କାଣ୍ଡ ବିନ୍ଧା ଓ ଫଳ ବିନ୍ଧା, ଅଫିଡ	ଡୈମେଥୋଟ	୧୫ଲିଟର ପାଣିରେ ୩୦ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ
	ଆଗ୍ନେୟାସ୍ତ୍ର, ହାଣ୍ଡିଖତ	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ଝାଉଁଳା, ପତ୍ରମୋଡା, ପତ୍ର ଚିତା, ସହେବିରୋଗ	ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ	ଏଳର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ ।
	ଏଣ୍ଡୋଫିଲ ଏମ ୪୫	୪୦୦ ଗ୍ରାମ ୧୫ ଲିଟର ପିଛା
	ମଠାସ୍ତ୍ର	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ମୂଳ ସଡା	ରିଡୋମିଲ ଗୋଲଡ	ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।

- ଅମଳ - ରୁଆ ର ୪୦-୪୫ ଦିନ ଭିତରେ ଫଳ ଆସିଥାଏ, ପ୍ରତିଦିନ ତୋଳା ।
- ଉତ୍ପାଦନ - ଏକର ପିଛା ୪୫-୪୮ କ୍ୱିଣ୍ଟାଲ ।

ଲଙ୍କା



- ବିହନ - ସେମିନିସ - ସିଆମ ହଟ, ନୁଂ ହେମ୍ବ ୨୦୭୪, କଲଶନିମରିତ, ଗଗନ
- ବିହନ ପରିମାଣ - ଏକର ପିଛା ୬୦ ଗ୍ରାମ
- ଲଗାଇବା ସମୟ - ବର୍ଷାଦିନ (ଜୁନ୍ ପ୍ରଥମ ସପ୍ତାହ)ଶୀତଦିନ (ଅକ୍ଟୋବର-ନଭେମ୍ବର), ଖରାଦିନ (ଫେବୃଆରୀ-ମାର୍ଚ୍ଚ)
- ତଳିଘରା ପ୍ରସ୍ତୁତି - ଗୁଣ୍ଡ ମାଟିରେ ଗୁଣ୍ଡ ଖତ ମିଶାଇ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୬ ଫୁଟ ଚଉଡା ଏବଂ ୧୦-୧୨ ଫୁଟ ଲମ୍ବା ପଟି ପ୍ରସ୍ତୁତ କରନ୍ତୁ । ୧ ଇଞ୍ଚ ବ୍ୟବଧାନ ରେ ଧାଡି କାଟି ୦.୫ ଇଞ୍ଚ ବ୍ୟବଧାନ ରେ ମଞ୍ଜି ପକାନ୍ତୁ । **ଦେଶୀ ବିହନ କୁ ବାଭିଷ୍ଟିନ କିମ୍ବା ଥିରାମ ରେ ବିଶୋଧନ କରି ପକାନ୍ତୁ ।**
- ଦୂରତା - **ଚାରା ବିଶୋଧନ କରି** ଗଛ କୁ ଗଛ **୧.୫ ଫୁଟ** ଏବଂ ଧାଡି କୁ ଧାଡି **୨ ଫୁଟ**
- ଜଳ ପରିଚାଳନା - ବିଲର ପାଗ ଦେଖି ପ୍ରତି ୧୦-୧୨ ଦିନ ଅନ୍ତରରେ ପାଣି ଦେବା ଉଚିତ୍ ।
- ଖତ ସାର ପରିଚାଳନା - ଲଙ୍କାମରିଚ ଫସଲ ପାଇଁ ଏକ ଏକରକୁ ପ୍ରାୟ ୫୦ କ୍ୱିଣ୍ଟାଲ ଭଲ ଖତ ଦେବା ଉଚିତ୍ । ଏହା ବ୍ୟତୀତ ୪୮ କି.ଗ୍ରା ଯବକ୍ଷାର, ୨୦ କି.ଗ୍ରା ଫସ୍‌ଫରସ୍ ଓ ୩୦ କି.ଗ୍ରା ପଟାସ୍ ଦରକାର ହୋଇଥାଏ । ଏହି ସାରରୁ ତଳି ରୋଇବା ସମୟରେ ସବୁ ଫସ୍‌ଫରସ୍ ଶତକଡା ୨୦ ଭାଗ ଯବକ୍ଷାର ଓ ପଟାସ ସାର ଦିଅନ୍ତୁ । ଅବଶିଷ୍ଟ ଯବକ୍ଷାର ଓ ପଟାସ ଜାତୀୟ ସାରକୁ ୨ ଥର କରି ୧୫-୨୦ ଦିନରେ ଓ ୩୦-୪୦ ଦିନ ପରେ ପ୍ରୟୋଗ କରନ୍ତୁ । **ଜୁନ ମାସରେ ପ୍ରଥମ ସାର ଏବଂ ଖତ ଦିଅନ୍ତୁ । ଅଗଷ୍ଟ ମାସରେ ଦ୍ୱିତୀୟ ସାର ଦିଅନ୍ତୁ । ଫୁଲ ନ ଖଡିବା ଏବଂ ଫଳ ଆଣିବା ପାଇଁ ହର୍ମୋନ ଏବଂ ବୋରନ ଦିଅନ୍ତୁ ।**
- ରୋଗପୋକ ଓ ତାର ପ୍ରତିକାର -

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
କାଣ୍ଡ ବିନ୍ଧା ଓ ଫଳ ବିନ୍ଧା, ଲେଡା ପୋକ	ଏଭିସେଣ୍ଟ୍	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
	ଆଗ୍ନେୟାସ୍ତ୍ର, ହାଣ୍ଡିଖତ	**୧୫ ଲିଟର ପାଣିରେ ୨୫୦ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ଝାଉଁଳା, ସଢ଼ିଯିବା, ପଚା, ପତ୍ର ମୋଚା	କପର ଅକ୍ସୀକ୍ଲୋରାଇଡ	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
	ମଠାସ୍ତ୍ର	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
ମୂଳ ସଢା	**ରିଡୋମିଲ ଗୋଲଡ**	**ଏକ ର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।**
ପ୍ରାକୃତିକ ପରିଚାଳନା	**ହାଣ୍ଡିଖତ** - ୧୫ ଲିଟର ପାଣିରେ ୨୫୦ ମ.ଲି ମିଶାଇ ସ୍ପ୍ରେ କରନ୍ତୁ ।	

- ଅମଳ - ମଞ୍ଜି ଲଗାଇବାର ୯୦ ରୁ ୧୦୦ ଦିନ ପରେ କଞ୍ଚାଲଙ୍କା ଅମଳ ହୋଇଥାଏ ଏବଂ ୧୨୫ ରୁ ୧୪୫ ଦିନ ମଧ୍ୟରେ ପାଚିଲାଲଙ୍କା ଅମଳ କରାଯାଏ ।
- ଉତ୍ପାଦନ - କଞ୍ଚାଲଙ୍କାର ଏକର ପ୍ରତି ୨୦ ରୁ ୨୨ କ୍ୱିଣ୍ଟାଲ ଓ ଶୁଖିଲା ଲଙ୍କା ୮ ରୁ ୯ କ୍ୱିଣ୍ଟାଲ ଅମଳ ମିଳିଥାଏ ।

ବିନ୍ସ



- ବିହନ - ସେମିନସ - ରନର (ଖରିଫ), ସେମିନିସ-ଫାଲ୍‌ଗୁନୀ, ଶତାବ୍ଦୀ ଗ୍ରୀନ, ନାମଧାରୀ : ଭୁଷିପ୍ରକାର
- ବିହନ ପରିମାଣ - ଏକର ପିଛା ୨୫୦ ଗ୍ରାମ୍
- ଲଗାଇବା ସମୟ - ବର୍ଷାଦିନ (ଜୁନ୍ ପ୍ରଥମ ସପ୍ତାହ), ଶୀତଦିନ (ଅକ୍ଟୋବର-ନଭେମ୍ବର)
- ଜମି ପ୍ରସ୍ତୁତି - ୩-୪ ଥର ହଳ, ପ୍ରତି ୪-୫ ଦିନ ବ୍ୟବଧାନରେ । ୨ୟ, ୩ୟ ହଳ ସମୟ ରେ ପଟାସ ପ୍ରୟୋଗ କରନ୍ତୁ । ଶେଷ ହଳ ପୂର୍ବରୁ ଏକର ପିଛା ୩ ଟ୍ରିପ ଗୋବର ଖତ ମାଟିରେ ପକାନ୍ତୁ । ଅଧା ଫୁଟ ଦୂରତା ରେ ହତା ତିଆରି କରନ୍ତୁ ।
- ଦୂରତା - **ବିହନ ବିଶୋଧନପରେ ଗଛ କୁ ଗଛ ୬୦ ସେ.ମି** ଇଞ୍ଚ, ଧାଡି କୁ ଧାଡି **୨.୫ ଫୁଟ ରେ ଲଗାନ୍ତୁ** ।
- ଜଳ ପରିଚାଳନା - ଲଗାଇବା ପରେ ଏବଂ ତା ପରେ ସାପ୍ତାହିକ ଜଳ ସେଚନ କରନ୍ତୁ ।
- ଖତସାର ପରିଚାଳନା - ଯବକ୍ଷାର ରୁଆ ର ୬-୮ ଦିନ ପରେ ଏକର ପିଛା ୧୦ କିଗ୍ରା ଏବଂ ୧୫ ଦିନ ପରେ ଏକର ପିଛା ୬୦-୭୦ କି.ଗ୍ରା
- ପଟାସ ରୁଆ ର ୭-୮ ଦିନ ପରେ ଏକର ପିଛା ୩ କି.ଗ୍ରା, ରୁଆ ର ୧୫ ଦିନ ପରେ ଏକର ପିଛା ୩ କି.ଗ୍ରା, ରୁଆ ର ୩୦ ଦିନ ପରେ ଏକର ପିଛା ୧୫ କି.ଗ୍ରା ଏବଂ ଫସଫରସ୍ ରୁଆର ୧୫ ଦିନ ପରେ ଏକର ପିଛା ୬୦-୭୦ କି.ଗ୍ରା, ୩୦ ଦିନ ପରେ ୫୦-୬୫ କିଗ୍ରା ।
- ରୋଗପୋକ ଓ ତାର ପ୍ରତିକାର -

ରୋଗପୋକ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ଶୋଷକ କୀଟ	**ହାଣ୍ଡିଖତ**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
	ଏକତାରା	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ	**ଆଗ୍ନେୟାସ୍ତ୍ର**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
ପତ୍ରଦାଗ, ପତ୍ରପୋଡା	**ମହୁଲାସ୍ତ୍ର**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
	ଆମିଷ୍ଟାର	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
ପ୍ରାକୃତିକ ପରିଚାଳନା	**ତଳି ପକେଇଲା ପରେ ଜୀବମୃତ ସିଞ୍ଚନ କରନ୍ତୁ**	୧୫ ଲିଟର ପାଣିରେ **୨୫୦** ମି.ଲି ମିଶାଇ ସ୍ପ୍ରେ କରନ୍ତୁ ।

- ଅମଳ ଓ ଉତ୍ପାଦନ - ବୁଣିବାର ୫୫-୬୦ ଦିନ ଏକର ପିଛା ୪୫-୫୦ କ୍ୱିଣ୍ଟାଲ ।

ଅଦା



- ବିହନ - **ଦେଶୀ, ୨-୩ ଇଞ୍ଚ ଲମ୍ବା ଓ ୨-୩ ଟା ଆଖିଥିବା ଦରକାର**
- ବିହନ ପରିମାଣ ଏବଂ ପରିଚାଳନା - ଏକର ପିଛା ୬ କ୍ୱିଣ୍ଟାଲ ।
  ବିହନ କୁ ଗଜା କରିବାକୁ ଥଣ୍ଡା ବାଲିରେ ପୋତି ୧୫ ଦିନ ରଖନ୍ତୁ ।
  ବିହନକୁ ଟ୍ରାଇକୋଡରମା (୫ ଗ୍ରାମ/କେଜି), ମାନକୋଜଏବ (୨ଗ୍ରାମ/ଲିଟର) ରେ ମିଶାଇ ଅଧ ଘଣ୍ଟା ରଖନ୍ତୁ ।
- ଲଗାଇବା ସମୟ - ବର୍ଷା ଦିନ (ମେ-ଜୁନ୍)
  ଜମି ପ୍ରସ୍ତୁତି - **ବାଲିଆ ମାଟି ରେ ଅଦା ଚାଷ କଲେ ଭଲ ଅମଳ ହୁଏ** । ୩ଥର ହଳ କରନ୍ତୁ, ପ୍ରଥମ ହଳର ୭-୮ଦିନ ପରେ, ଗୋବର ଖତ ଏବଂ ବ୍ଲିଚିଂ ପାଉଡର ମିଶାଇ ଦ୍ୱିତୀୟ ହଳ ଏବଂ ତାର ୭-୮ ଦିନ ପରେ ମାଟିକୁ ଭଲସେ ଗୁଣ୍ଡ କରିବା ପାଇଁ ତୃତୀୟ ହଳ
- ଦୂରତା - ଗଛ କୁ ଗଛ ୬ ଇଞ୍ଚ ଏବଂ ଧାଡି କୁ ଧାଡି ୧.୫ ଫୁଟ । **ବିହନ ଲଗାଇବା ପରେ ନଡାରେ ଢାକି ଦିଅନ୍ତୁ ।**
- ଜଳ ପରିଚାଳନା - ୨ ସପ୍ତାହକୁ ଥରେ ଜଳସେଚନ କରନ୍ତୁ । **ଜମିରେ ପାଣି ଜମି ନପାରେ ତା ପ୍ରତି ସର୍ତ୍ତକ ରୁହନ୍ତୁ ।**
- ଖତ ସାର ପରିଚାଳନା - ରୁଆ ର ୭-୮ଦିନ ପରେ ଏକର ପିଛା ୧୦ କିଗ୍ରା ଯବକ୍ଷାର, ରୁଆର ୩୦ ଦିନ ପରେ ଫସଫରସ ଏକର ପିଛା ୫୦ କି.ଗ୍ରା, ରୁଆ ର ୧୫-୨୦ ଦିନ ପରେ ଏକର ପିଛା ୩ କି.ଗ୍ରା ମାତ୍ରାରେ ପ୍ରୟୋଗ କରନ୍ତୁ ।
  ଜିଆଖତ ର ପ୍ରୟୋଗ କରନ୍ତୁ ।

- ରୋଗପୋକ ଓ ତାର ପ୍ରତିକାର -

ରୋଗପୋକ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ସଢାରୋଗ	ଆମିଷ୍ଟାର, ହ୍ୱିର୍ମୀକ ଭିଟାମିନ	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
	ଆଗ୍ରେୟାସ୍ତ୍ର, ହାଣ୍ଡିଖତ	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
	ବିହନ ବିଶୋଧନ କରନ୍ତୁ ଏବଂ ଜୀବାଣୁ କଲଚର ର ପ୍ରୟୋଗ କରନ୍ତୁ ।	

- ଅମଳ ଓ ଉତ୍ପାଦନ - ରୁଆ ର ୧୫୦ ଦିନ ପରେ ଏକର ପିଛା ୧୦-୧୨ କ୍ୱିଣ୍ଟାଲ ।

ମିଠାମକା



- ବିହନ - କାଞ୍ଚନ (ଖରିଫ), ସ୍ୱୟଂଗେଣ୍ଟ-ସୁଗର ୭୫, ପାଇଓନାର, ଇଷ୍ଟ ୱେଷ୍ଟ ଗୋଲଡେନ
- ବିହନ ପରିମାଣ - ଏକର ପିଛା ୨-୩ କିଗ୍ରା । ବିହନ କୁ ବାଭିଷ୍ଟିନ କିମ୍ବା ଥିରାମ ରେ ବିଶୋଧନ କରନ୍ତୁ ।
- ଲଗାଇବା ସମୟ - ବର୍ଷା ଦିନ (ଜୁନ-ଜୁଲାଇ)
- ଜମି ପ୍ରସ୍ତୁତି - ୩ ରୁ ୪ ଥର ହଳ କରି ମାଟିକୁ ଭଲ ଭାବରେ ଗୁଣ୍ଡ କରି ଜମି ପ୍ରସ୍ତୁତି କରନ୍ତୁ । **ଜମି ରେ ଜୈବିକ ଖତ ପ୍ରୟୋଗ କରିବା ଏବଂ ରୋଇବା ପୂର୍ବରୁ ଡିଏପି ଓ ପଟାସ ମିଶ୍ରଣ ଦେଇ ମଞ୍ଜି ବୁଣିବା । ହାଲ୍କା ମାଟି ଦେଇ ଢାକି ଦେବା**
- ଦୂରତା - ଧାଡି କୁ ଧାଡି ୬୦ ସେମି, ଗଛ କୁ ଗଛ ୩୦ ସେମି
- ଖତ ସାର ପରିଚାଳନା - ଏକର ପିଛା ୪୦ କି.ଗ୍ରା ଯବକ୍ଷାର, ୨୦ କେଜି ଫସଫରସ ଏବଂ ରୁଆ ବେଳେ ୨୦ କେଜି ଏକର ପିଛା ପଟାସ । ଘାସ ପାଇଁ ହାତରେ ଘାସ ବଛା ଯାଏ କିମ୍ବା ଘାସମରା ବ୍ୟବହାର କରାଯାଏ ।
- ରୋଗ ଓ ତାର ପ୍ରତିକାର - ପତ୍ରପୋଡା ରୋଗ ହେଲେ ୧୫ ଲିଟର ପାଣିରେ ୩୦ ମି.ଲି ଆମିଷ୍ଟାର ଓ ଆକ୍ଟିଭ ମିସେଇ ପ୍ରୟୋଗ କରନ୍ତୁ । **ହାଣ୍ଡିଖତ ଏବଂ ନିମ୍ନ ଅସ୍ତ୍ର ବ୍ୟବହାର କଲେ ବିଭିନ୍ନ ପ୍ରକାରର ରୋଗ ପୋକ ରୁ ବଞ୍ଚିତ ହୋଇଥାଏ ।**
- ଅମଳ ଓ ଉତ୍ପାଦନ - ରୁଆର ୭୦-୭୫ ଦିନ ପରେ ଏକର ପିଛା ୫୦-୬୦ କ୍ୱିଣ୍ଟାଲ ।

ପୋଟଳ



- ବିହନ - ଦେଶୀ, ବଙ୍ଗଳା, ସ୍ୱର୍ଣ୍ଣ ଲୋକୀଙ୍କ, ସ୍ୱର୍ଣ୍ଣ ଲେଖା । ୨-୩ ଗଣ୍ଠି ଥିବା ଡାଳ ଆଣି ବିଶୋଧନ କରି ମାଟିରେ ପୋତି ରଖନ୍ତୁ । ୭୦-୮୦ ଦିନ ଭିତରେ ଲଗାନ୍ତୁ ।
- ବିହନ ପରିମାଣ - ଏକର ପିଛା ୭୦୦୦-୮୦୦୦ କନ୍ଦା (୪୫୦ କେଜି କନ୍ଦା)
- ଲଗାଇବା ସମୟ - ଡିସେମ୍ବର-ଜାନୁଆରୀ
- ଜମି ପ୍ରସ୍ତୁତି ଓ ରୋପଣ - ୪ଫୁଟ ଗଭୀର ଗାତ ଖୋଳନ୍ତୁ, ସେଥିରେ ଅଳିହା ପକେଇ ନିଆଁ ଲଗାନ୍ତୁ, ତା'ପରେ ପଟୁ ମାଟି ସାଙ୍ଗରେ ଖତ **ଏବଂ ନିମ୍ନ ପିଡିଆ,** ମିଶାଇ ଗାତ ପୂରଣ କରନ୍ତୁ ଆଉ ଗାତକୁ ପାଣିରେ ଫୁଲ କରି ଦିଅନ୍ତୁ । ୫-୬ ଦିନ ପରେ କଟା ଯାଇଥିବା କନ୍ଦା ଗୁଡିକୁ ମାଟିରେ ପୋତି ଦିଅନ୍ତୁ । ଗାତ ପିଛା ୨ଟି କନ୍ଦା ଆବଶ୍ୟକ ହୋଇଥାଏ । **ପୋଟଳ ଚାଷ ଟ୍ରେଲିସ ପ୍ରୟୋଗ କରି କରନ୍ତୁ**
- ଦୂରତା - ଗଛ କୁ ଗଛ ୩-୩.୫ ଫୁଟ, ଧାଡି କୁ ଧାଡି ୪-୫ ଫୁଟ
- ଜଳ ପରିଚାଳନା - କନ୍ଦା ପୋତାର ପ୍ରତି ୨-୩ ଦିନ ପରେ ଜଳସେଚନ
- ଘାସ ପରିଚାଳନା - କନ୍ଦା ପୋତାର ମାସେ ପରେ କୋଡା ଖୋଷା, ଏବଂ ଗଛ ମୂଳରେ ପତଳା ରଞ୍ଜା ଦିଅନ୍ତୁ, ମଲଚିଙ୍ଗ କଲେ ଘାସ ହୁଏ ନାହିଁ ।
- ଖତ ସାର ପରିଚାଳନା - ଲଗାଇବା ସମୟରେ ଏକର ପୀଛା ୧୬ କି.ଗ୍ରା ଯବକ୍ଷାର, ୩୨ କି.ଗ୍ରା ଫସଫରସ ଏବଂ ୧୬ କି.ଗ୍ରା ପଟାସ ଦେବାକୁ ପଡେ । **ହାଣ୍ଡିଖତ ଏବଂ ନିମ୍ନଅସ୍ତ୍ର ବ୍ୟବହାର କଲେ ବିଭିନ୍ନ ପ୍ରକାରର ରୋଗପୋକ ରୁ ବଞ୍ଚିତ ହୋଇଥାଏ । ଫୁଲ ହେବା ପାଇଁ ଆକ୍ଟିଭା୮୦୧୫ ଲିଟର ପାଣିରେ ୫ ଏମ ଏଲ ପକାଇ ସ୍ପ୍ରେ କରନ୍ତୁ ।**
- ରୋଗପୋକ ଓ ତାର ପ୍ରତିକାର - କାଙ୍କଡିଆ ପୋକ, ଫଳ ମାଛି ଲାଗିଲେ ପ୍ରୋଫେନୋଫସ୍ ୫୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ ପତ୍ରପୋଡା ରୋଗ ପାଇଁ ୪୦ ମି.ଲି କ୍ଲୋରୋଥାଲୋନିଲ୍ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ । ଫଳ ବିନ୍ଧା ପୋକ ପାଇଁ ଲାର୍ଭିନ ୧୫ ଲିଟର ପାଣିରେ ୩୦ ଗ୍ରାମ ମିଶାଇ ସ୍ପ୍ରେ କରନ୍ତୁ ।
- ଅମଳ ଓ ଉତ୍ପାଦନ - ୯୦-୧୨୦ ଦିନ ଭିତରେ ଏକର ପିଛା ପ୍ରତି ସପ୍ତାହ ୯-୧୦ କ୍ୱିଣ୍ଟାଲ ।

କଲରା

- ବିହନ - ଏସ୍ ଡବ୍ଲୁ ୮ ୧୧(ଖରିଫ), ନବଧାନ (ଖରିଫ), ଜେକେ କାବେରୀ, ନୀତିକ, ଭିଏନଆର ଏନଟି ୨୨୨, ପରିନିଥି ୦୬୫
- ବିହନ ପରିମାଣ ଏବଂ ପରିଚାଳନା - ଏକର ପିଛା ୬୦୦ ଗ୍ରାମ, **ଗୋଟିଏ ଚାରା ତିଆରି ପଲିଥିନ ରେ ୧:୧ ଭାଗରେ ମାଟି ଏବଂ ଗୋବର ମିଶାଇ ରଖନ୍ତୁ । ମଞ୍ଜି ର ଅଗ୍ର ଭାଗ କଟିକି ପାଣି ରେ ୧୨ ଘଣ୍ଟା ଯାଇଁ ବୁଡେଇ ରଖନ୍ତୁ । ତା ପରେ ଏହି ମଞ୍ଜି କୁ ବାଭିଷ୍ଟିନ ରେ ବିଶୋଧନ କରି ତିଆରି କରିଥିବା ପଲିଥିନ ରେ ୧-୧.୫ ଇଞ୍ଚ ଗଭୀରତା ରେ**
- **ଲଗାନ୍ତୁ ।**
- ଲଗାଇବା ସମୟ - ବର୍ଷା ଦିନ (ମେ-ଜୁନ୍), ଶୀତଦିନ (ଅକ୍ଟୋବର-ନଭେମ୍ବର), ଖରାଦିନ (ଜାନୁଆରୀ-ଫେବୃଆରୀ)
- ଜମି ପ୍ରସ୍ତୁତି - ବର୍ଷାପରେ ୨ ଥର ହଳ, ପ୍ରଥମ ହଳ ରେ ମାଟି ଗୁଣ୍ଡ କରାଯାଏ ଏବଂ ଦ୍ୱିତୀୟ ହଳରେ ମାଟି ରେ ଖତ, **ନିମ୍ନ**
- **ପିଡିଆ** ମିଶାଇ ଗାତ କରାଯାଇଥାଏ । **ଟ୍ରେଲିସ୍ ର ପ୍ରୟୋଗ କରନ୍ତୁ**
- ଦୂରତା - ଗଛ କୁ ଗଛ ୪ ଫୁଟ, ଧାଡି କୁ ଧାଡି ୬ ଫୁଟ । ଗୋଟିଏ ମନ୍ଦ ରେ ୨-୩ ଚାରା ଲଗାଯାଏ ।
- ଜଳ ପରିଚାଳନା - ଲାଗିଲା ବେଳେ ଏକର ପିଛା ୨-୩ ଟନ ଖତ, **୨୫୦ କେଜି ନିମ୍ନପିଡିଆ,** ୧୨ କି.ଗ୍ରା ଯବକ୍ଷାର,
- ୧୨ କି.ଗ୍ରା ଫସଫରସ ଏବଂ ୧୨ କି.ଗ୍ରା ପଟାସ ଦରକାର, **ଫୁଲ ଆସିଲା ବେଳେ ହର୍ମୋନ ସ୍ପ୍ରେ କରାଯାଏ ।**
- ରୋଗପୋକ ଓ ତାର ପ୍ରତିକାର - ଫଳମାଛି ଲାଗିଲେ ପ୍ରୋଫେନୋଫସ୍ ୫୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ ପତ୍ର ଦାଗ ରୋଗ ପାଇଁ ୪୦ ମି.ଲି କ୍ଲୋରୋଥାଲୋନିଲ୍ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ । ଗୁଣ୍ଡି ପୋକ ଏବଂ ଫଳ ବିନ୍ଧା ପାଇଁ ଡନ ୧୫ ଲିଟର ପାଣିରେ ୧୫ ଏମଏଲ ଏବଂ ବୁଣିବା ୧୦-୧୫ ଦିନରେ
- ପୋଲର ସ୍ପ୍ରେ କରନ୍ତୁ । **ହାଣ୍ଡିଖତ ଏବଂ ନିମାସ୍ତ୍ର ବ୍ୟବହାର କଲେ ବିଭିନ୍ନ ପ୍ରକାରର ରୋଗ ପୋକ ରୁ ବଞ୍ଚିତ ହୋଇଥାଏ ।**
- ଅମଳ ଓ ଉତ୍ପାଦନ - ଲଗାଇବାର ୪୦-୪୫ ଦିନ ପରେ, ୨ ଦିନକୁ ଥରେ ଫଳ ତୋଳା, ଏକର ପିଛା ୩୫-୪୦ କ୍ୱିଣ୍ଟାଲ



ଝୁଡୁଙ୍ଗ



- ବିହନ - ଭିଏନଆର କାଶିକାଞ୍ଚନ, ଅଙ୍କୁର-ହରି, ଅଙ୍କୁର କେତକୀ, ଉତ୍ତମ-ରୂପଶ୍ରୀ, ସିଂଜେଣ୍ଟ : ସବୁଋତୁ - ଭୁଷି ପ୍ରକାର
- ବିହନ ପରମାଣ ଏବଂ ପରିଚାଳନା - ୮ କି.ଗ୍ରା ଏକର ପିଛା, **ଟ୍ରାଇକୋଡରମାଭିରୀଡେ ଏବଂ ବାଭିଷ୍ଟିନ ରୁ ବିହନ ବିଶୋଧନ କରନ୍ତୁ ।**
- ଲଗାଇବା ସମୟ - ବର୍ଷାଦିନ (ମେ-ଜୁନ୍), ଖରାଦିନ (ଫେବୃଆରୀ-ମାର୍ଚ୍ଚ)
- ଜମି ପ୍ରସ୍ତୁତି - ୩-୪ ଥର ହଳ, ପ୍ରଥମ ହଳର ୮ ଦିନ ପରେ ଦ୍ୱିତୀୟ ହଳ, ୪ ଇଞ୍ଚ ଗଭୀର ବିଶିଷ୍ଟ ଗାତ ଖୋଳି ସେଥିରେ ଖତ, ସାର ଏବଂ ନିମ୍ନ ପିଡିଆ ମିଶାଇ ଗାତ ପିଛା ୧-୨ ଟା ମଞ୍ଜି ।
- ଦୂରତା - **ବର୍ଷାଦିନ ଧାଡି କୁ ଧାଡି ୩-୩.୫ ଫୁଟ, ଗଛ କୁ ଗଛ ୨-୨.୫ ଫୁଟ, ଖରାଦିନ ଧାଡି କୁ ଧାଡି ୨.୫-୩ ଫୁଟ, ଗଛ କୁ ଗଛ ୧.୫-୨ଫୁଟ**
- ଜଳ ପରିଚାଳନା- ମାଟିର ବତର ଦେଖିକି ୬-୭ ଦିନକୁ ଥରେ
- ଖତ ସାର ପରିଚାଳନା - ବୁଣିବା ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର, ୨୦ କି.ଗ୍ରା ଫସଫରସ ଏବଂ ୧୦ କି.ଗ୍ରା ପଟାସ ପ୍ରତି ଗାତରେ ୦.୫ କେଜି ଜୈବିକ ସାର ଦରକାର ।
- ରୋଗ ପୋକ ଓ ତାର ପ୍ରତିକାର - ଜଉ ପୋକ ଲାଗିଲେ ୭ ମି.ଲି ଇମିଡାକ୍ଲୋପ୍ରିଡ କିମ୍ବା ଏଣ୍ଡୋସଲଫାନ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ କଳଙ୍କି ରୋଗ କବଳରୁ ରକ୍ଷାପାଇବା ପାଇଁ ୧ କି.ଗ୍ରା କ୍ରିସ୍ଲଫ୍ ଗୁଣ୍ଡ ର ପ୍ରୟୋଗ କରନ୍ତୁ । ଫଳ ବିନ୍ଧା ପୋକ, ପତ୍ର ହଳଦିଆ, ପତ୍ର ପାଉଁଶିଆ ପାଇଁ ବଳିତସ -୫୦ ୧ଲିଟର ପାଣିରେ ୧ଗ୍ରାମ ପକାଇ ସ୍ପ୍ରେ କରନ୍ତୁ । **ହାଣ୍ଡିଖତ ଏବଂ ନିମାସ୍ତ୍ର ବ୍ୟବହାର କଲେ ବିଭିନ୍ନ ପ୍ରକାରର ରୋଗ ପୋକ ରୁ ବଞ୍ଚିତ ହୋଇଥାଏ ।**
- ଅମଳ ଓ ଉତ୍ପାଦନ - ୪୫ ଦିନ ପରେ, ପ୍ରତି ୧-୨ ଦିନ ବ୍ୟବଧାନରେ ଫଳତୋଳନ୍ତୁ, ଏକର ପିଛା ୫୦-୬୦ କ୍ୱିଣ୍ଟାଲ

ବାସମତି ଧାନ ଓ କଳା ଧାନ



- ବିହନ - ବାସମତି ଧାନ - ସମ୍ମେଇଭୋଗ, ଧୂବେଜଭୋଗ, ସୀତାଭୋଗ, ସାକ୍ଷୀଗୋପାଳ, ଗହମଫୁଲ
  କଳା ଧାନ - କଳାମାଟି
- ବିହନ ପରିମାଣ ଏବଂ ପରିଚାଳନା - ଏକର ପିଛା ୮ କି.ଗ୍ରା । **ଦେଶୀ ବିହନକୁ ପାଣିରେ ଭିଜାଇ ପୋଲା ବାହାର କରିଦିଅନ୍ତୁ**
- ଲଗାଇବାର ସମୟ - ବର୍ଷାଦିନ (ଜୁନ୍-ଜୁଲାଇ)
- ତଳିଘରା ପ୍ରସ୍ତୁତି - ମାଟିକୁ ୨-୩ ଥର ହଳ କରି ଗୁଣ୍ଡ କରନ୍ତୁ ଏବଂ ଖତ ଡିଏପି ଓ ପଟାସ ମିଶାଇ ମଞ୍ଜି ବୁଣନ୍ତୁ । ଏକର ପିଛା ୧୦ ଡିସ୍ମିଲ ଜାଗାରେ ୦.୫ ଇଞ୍ଚ ବ୍ୟବଧାନ ରେ, ରୋପଣ ୨୦ ଦିନ ପୂର୍ବରୁ ମଞ୍ଜି ପକାନ୍ତୁ ।
- ଜମି ପ୍ରସ୍ତୁତି - **ରୋପଣ ୨.୫ ମାସ ପୂର୍ବରୁ ଧନିଚା ବୁଣନ୍ତୁ । ଧନିଚା କୁ ୧.୫ ମାସ ପରେ ହଳ କରି ମାଟି ସାଙ୍ଗେ ମିଶାଇ ଦିଅନ୍ତୁ ।** ଜମି କୁ କାଦୁଅ କରି ଚାରା ଲଗାନ୍ତୁ । ଏକର ପିଛା ୮ ଟନ୍ ଖତ ଦିଆଯାଏ ।
- ଦୂରତା - ଉଭୟ ଗଛ କୁ ଗଛ ଏବଂ ଧାଡି କୁ ଧାଡି ୨୦X୧୫ ସେମି
- ଖତ ସାର ପରିଚାଳନା - ବୁଣିବା ସମୟରେ ଏକର ପିଛା ଫସଫରସ୍ ୪୦ କି.ଗ୍ରା ଏବଂ ୪୦ କି.ଗ୍ରା ପଟାସ୍ ଦିଅନ୍ତୁ, ଚାରା ରୋପଣ ୨୧-୩୦ ଦିନ ପରେ ଏକର ପ୍ରତି ୫୦ କେଜି ଯବକ୍ଷାର ଏବଂ **୧୦ କେଜି ଜିଙ୍କ** ବ୍ୟବହାର କରନ୍ତୁ । ଗର୍ଭାବସ୍ଥା ଅସିବା ପୂର୍ବରୁ ୨୫ କେଜି ପଟାସ ଏବଂ ୫୦ କେଜି ଯବକ୍ଷାର ଦିଅନ୍ତୁ ।

- ରୋଗପୋକ ଓ ତାର ପ୍ରତିକାର -

ରୋଗପୋକ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ପତ୍ର ହଳଦିଆ ପଡିବା, ପତ୍ରରେ କଳା ଦାଗ ହୋଇ ଝଡି ପଡିବା	ଆମିଷ୍ଟାର/ମିରାଡୋର	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
	ମହୁଲାସ୍ତ୍ର	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।**
କାଣ୍ଡବିନ୍ଧା, ଗଣ୍ଡିପୋକ, ବମା ପୋକ	ଡନ, ଲାର୍ଭିନ	୧୫ ଲିଟର ପାଣିରେ ୧୫ ଏମ ଏଲ ।
	ନିମ୍ବ ତେଲ	**୧୫ ଲିଟର ପାଣିରେ ୧୫ ଏମ ଏଲ ।**
ପ୍ରାକୃତିକ ପରିଚାଳନା	**ଆଲୋକ ଯନ୍ତ୍ର, ଫେରମୋନ ଯନ୍ତ୍ର, ହାଣ୍ଡିଖତ ଏବଂ ନିମାସ୍ତ୍ର ବ୍ୟବହାର କଲେ ବିଭିନ୍ନ ପ୍ରକାର ର ରୋଗପୋକ ରୁ ବଞ୍ଚିତ ହୋଇଥାଏ ।**	

- ଉତ୍ପାଦନ - ୧୪୫-୧୫୦ ଦିନ ପରେ ଏକର ପିଛା ୧୪-୧୬ କ୍ୱିଣ୍ଟାଲ ।

ଜରୁରୀ ସୂଚନା

- **ଖରାମାସରେ ଜମି କୁ ହଳ କରି ଟାଣ ଖରା ରେ ୧୫ ଦିନ ଛାଡି ମାଟି ବିଶୋଧନ କରନ୍ତୁ ।**
- **ଦେଶୀ ବିହନକୁ ବିଜାମରୁତ କିମ୍ବା ଗୌ ମୂତ୍ର ପାଣିରେ ଭିଜେଇ କିମ୍ବା ବାଭିଷ୍ଟିନ ରେ ବିଶୋଧନ କରନ୍ତୁ ।**
- **ନର୍ସରୀରେ ପକେଇଥିବା ପରେ ରୋପଣ ପୂର୍ବରୁ ଚାରା ବିଶୋଧନ କରନ୍ତୁ । ଚାରା ବିଶୋଧନ ପାଇଁ ୧ ଲିଟର ପାଣିରେ ବଭିଷ୍ଟିନ ୨ ଏମ ଏଲ ର ମାତ୍ରା ରେ ପକାଇ ସେଥିରେ ଚାରା ଅଧା ଘଣ୍ଟା ପାଇଁ ଭିଯାନ୍ତୁ । ଚାରାକୁ ବାହାର କରି ଛାଇ ରେ ଓଲଟା କରି ଶୁଖାନ୍ତୁ ଓ ତା ପରେ ଚାରା ରୋପଣ କରନ୍ତୁ ।**
- **ଟାଣ ମଞ୍ଜି କୁ ଗଜା କରିବା ପାଇଁ ବୁଣିବା ପୂର୍ବରୁ ଉଷୁମ ପାଣି ରେ ଭିଜାଇ ରଖନ୍ତୁ କିମ୍ବା ଓଦା କପଡା ରେ ବାନ୍ଧି ୧୨ ଘଣ୍ଟା ରଖନ୍ତୁ ।**
- **ଜୈବିକ ସାର (ଜିଆଖତ, ଶିବାଂଶ ଖତ, ସବୁଜ ସାର, ୱିଷ୍ଟ ଡିକମ୍ପୋଜର) ଚାଷରେ ବ୍ୟବହାର କଲେ ଅଧିକ ଅମଳ ହୋଇଥାଏ ଏବଂ ଚାଷରେ ଖର୍ଚ୍ଚ କମ ହୁଏ । ଏକର ପିଛା ୨୫ କେଜି ନିମ୍ବପିଡିଆ ବ୍ୟବହାର ବ୍ୟବହାର କରନ୍ତୁ ।**
- **ଜୈବିକ ପଦ୍ଧତି (ନିମ୍ବସ୍ତ୍ର, ଆଗ୍ନେୟାସ୍ତ୍ର, ହାଣ୍ଡିଖତ, ବ୍ରହ୍ମାସ୍ତ୍ର, ପାଞ୍ଚାଗବ୍ୟ, ନିମ୍ବ ତେଲ) ଚାଷ ରେ ବ୍ୟବହାର କଲେ ରୋଗ ପୋକ କମ ହୋଇଥାଏ ।**
- **ଚାଷ ଜମିରେ ଏକର ପିଛା ୮-୧୦ ଅଲୋକ ଯନ୍ତ୍ର, ୧-୨ ସଙ୍ଗ ଆକର୍ଷକ ଯନ୍ତ୍ର ଏବଂ ୧୦-୧୨ ହଳଦିଆ ଅଠାଳିଆ ଯନ୍ତ୍ର ବ୍ୟବହାର କଲେ ବିଭିନ୍ନ ପ୍ରକାର ପୋକର ଆକ୍ରାନ୍ତରୁ ବଞ୍ଚିତ ହୋଇଥାଏ ।**
- **ଚାଷ ଜମି ବାହାରେ ଜାଗା ଦେଖି ସନ୍ଧ୍ୟାରେ ନିଆଁ ଜଳାଇଲେ ୭୦% ରୋଗ ପୋକ କମିଯାଏ ।**















Our Partner NGOs

Together we can... SGF

Indian Grameen Services — Basix Group Company

SEWAK 25 YEARS

SEWA

SIDI — Sambalpur Integrated Development Institute

Shristi — Let's Create....

harsha trust

BHUBANESWAR IMTS

25 Years (1992-2017) IDA — Empowering Communities Enriching Lives

LIFE & LIVELIHOOD PROTECTION DEVELOPMENT — disha — ODISHA-INDIA

YAVARD

WOSCA — WOMEN'S ORGANISATION FOR SOCIO-CULTURAL AWARENESS

ସୌଜନ୍ୟ-ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡ